300 200
400 800

# TEST EXAMINATION – 2018
# UDALA JR.COLLEGE, UDALA
## SUBJECT : MIL Odia
## CLASS : +2 2nd Year Arts / Sc. / Comm.

Time: 2hour F.m:100

Techofworld.In

## ପ୍ରଥମ ଏକକ (ଗଦ୍ୟ)

୧.ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରଦାନ କର । (୫ X୧)

କ) ସାମ୍ପ୍ରତିକ ପରିପ୍ରେକ୍ଷୀରେ 'ଇତିହାସ' ପ୍ରବନ୍ଧର ଆବଶ୍ୟକତା ନିରୂପଣ କର ।

ଖ) ନିଜ ଜନ୍ମଭୂମି ପ୍ରତି ଆପଣାର ଭାବ 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ କିପରି ପ୍ରତିଫଳିତ - ଆଲୋଚନା କର ।

୨. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରଦାନ କର । (୩ X୧)

କ) ଇତିହାସର କେଉଁ ଅନାମ ଯୁଗର କଥା ଲେଖକ ଶୁଣିଥିଲେ ?

ଖ) ବର୍ତ୍ତମାନର ଇତିହାସ କିପରି ?

୩. ଯେକୌଣସି ୩ଟି ପ୍ରଶ୍ନର ଉତ୍ତର ପ୍ରଦାନ କର । (୨X୩)

କ) ବାରିବାହ ଆଗମନ ପରେ ପୁଷ୍ପପୁର କିପରି ହୋଇ ଉଠିବ ?

ଖ) ମାନବ ଜୀବନର ପରମ କାମ୍ୟ କ'ଣ ବୋଲି ଲେଖକ କହିଛନ୍ତି ?

ଗ) ଯୋଗ୍ୟତାର ଲକ୍ଷଣ କ'ଣ ?

ଘ) ବ୍ୟକ୍ତିର ଅଲଙ୍ଘନୀୟ କର୍ତ୍ତବ୍ୟ କ'ଣ ?

P.T.O

୪. ସମସ୍ତ ପ୍ରଶ୍ନର ଉତ୍ତର ଦିଅ । (୧ X୬)

କ) କିଏ ଉତ୍କଳର ଇତିହାସ ?

ଖ) ଉତ୍କଳକମଳର କେଶର କିଏ ?

ଗ) କାହାକୁ ଦଧୀଚି ବୋଲି ଲେଖକ ଅଭିହିତ କରିଛନ୍ତି ?

ଘ) କିଏ ଭବିଷ୍ୟତର ପିତା ରୂପେ ଦଣ୍ଡାୟମାନ ?

ଙ) ବିପରୀତ ପଥରେ ଗମନ କଲେ କ'ଣ ହେବ ?

ଚ) ମନୁଷ୍ୟ କାହାର ପ୍ରତିକୃତି ?

Techofworld.In

## ଦ୍ୱିତୀୟ ଏକକ (ପଦ୍ୟ)

୧. ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ପ୍ରଦାନ କର । (୫ X୧)

କ) 'ବନ୍ଦୀର ବିରହ ବ୍ୟଥା' କବିତାର ସାରମର୍ମ ନିଜ ଭାଷାରେ ଲେଖ ।

ଖ) 'ତପସ୍ୱିନୀର ପତ୍ର' କବିତା ଅବଲମ୍ବନରେ ସୀତାଙ୍କ ଚାରିତ୍ରିକ ମହତ୍ତ୍ୱର ପରିଚୟ ଦିଅ ।

୨. ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ପ୍ରଦାନ କର । (୩ X୧)

କ) ତପସ୍ୱିନୀ ସୀତା କାହାକୁ ପତ୍ର ଲେଖିଥିଲେ ଓ କାହିଁକି ?

ଖ) ଯମଦୂତ ବୋଲି କବି କାହାକୁ କହିଛନ୍ତି ଓ କାହିଁକି ?

୩. ଯେକୌଣସି ୩ଟି ପ୍ରଶ୍ନର ଉତ୍ତର ପ୍ରଦାନ କର । (୨X୩)

କ) ପ୍ରଣୟର କି ବିଚିତ୍ର ବିଧାନ କବି ଉପଲବ୍ଧି କରିଛନ୍ତି ?

ଖ) ସୂର୍ଯ୍ୟଙ୍କର ବିଦାୟକାଳୀନ ଦୃଶ୍ୟ କିପରି ଥିଲା ?

ଗ) ରାମଚନ୍ଦ୍ରଙ୍କ ଠାରେ ବିଦୁଷମାନେ କ'ଣ ଦେଖିଥାନ୍ତି ?

ଘ) ସୀତାଙ୍କ ମନରେ କି ଭିକ୍ଷା ଉଦୟ ହୋଇଥିଲା ?

ପଦ୍ମିନୀ

୪. ସମସ୍ତ ପ୍ରଶ୍ନର ଉତ୍ତର ପ୍ରଦାନ କର । (୬X୧)

କ) ତପସ୍ୱିନୀ କିଏ ?

ଖ) ରାଜରାଜେଶ୍ୱର କିଏ ?

Techofworld.In

ଗ) ବସନ୍ତ ସମୟ କିପରି ?

ଘ) କିଏ ଧନୁକୁ ଜଗି ବସିଥାଏ ?

ଙ) ଯମଦୂତ ବୋଲି କବି କାହାକୁ କହିଛନ୍ତି ?

ଚ) ବହ୍ନି ଶିଖାର ଧର୍ମ କ'ଣ ?

## ତୃତୀୟ ଏକକ (ଗଳ୍ପ)

୧. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରଦାନ କର । (୫ X୧)

କ) 'ସଭ୍ୟ ଜମିଦାର' ଗଳ୍ପ ଆଧାରରେ ଗୋପାଳର ଚରିତ୍ର ଚିତ୍ରଣ କର ।

ଖ) ଏକ ବ୍ୟଙ୍ଗାତ୍ମକ ଗଳ୍ପ ଭାବରେ 'ସଭ୍ୟ ଜମିଦାର' ଗଳ୍ପର ମୂଲ୍ୟାଙ୍କନ କର ।

୨.ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ପ୍ରଦାନ କର । (୩ X ୧)

କ) ରାଜୀବଙ୍କ ସମ୍ପର୍କରେ ଅସଲ କଥାଟି କ'ଣ ଥିଲା ?

ଖ) ମା' ସାଆନ୍ତାଣୀଙ୍କ ଦିନ କିପରି କଟୁଥିଲା ?

Techofworld.In

୩.ଯେକୌଣସି **୩ଟି** ପ୍ରଶ୍ନର ଉତ୍ତର ପ୍ରଦାନ କର । (୨X୩)

କ) ଗୋପାଳ କିପରି କଲିକତା ଯାଇଥିଲା ?

ଖ) ଗୋପାଳ କେମିତି ରାନ୍ଧି ଶିଖିଥିଲା ବୋଲି କହିଛି ?

ଗ) କେଉଁ ହୋଟେଲ ବାଲାର ବେଶ୍ ଆୟ ହୋଇଥାଏ ?

ଘ) ନୂଆ ଜମିଦାରଙ୍କର ଶୋଇବାକୁ ବେଳ ନଥିଲା କାହିଁକି ?

୪.ସମସ୍ତ ପ୍ରଶ୍ନର ଉତ୍ତର ପ୍ରଦାନ କର । (୬X୧)

କ) ବୋହୂ ସାଆନ୍ତାଣୀଙ୍କ ପ୍ରକୃତ ନାମ କ'ଣ ଥିଲା ?

ଖ) ଗଦିରେ ଗୋପାଳର ଡାକନାମ କ'ଣ ହୋଇଥିଲା ?

ଖ) ଗଦିର କେଉଁ ସବୁ କଥା ମହାପାତ୍ରଙ୍କ ହାତରେ ଥିଲା ?

ଗ) ସାଆନ୍ତାଣୀଙ୍କର ବିଶ୍ୱାସୀ ପୋଇଲି କିଏ ?

ଘ) 'ଗଙ୍ଗାଲାଭ' ବୋଇଲେ କ'ଣ ବୁଝ ?

ଙ) କଲିକତାକୁ ଠିକ୍ କେଉଁ ଖଣି ବୋଲି କୁହାଯାଇଛି ?

Techofworld.In



## ଚତୁର୍ଥ ଏକକ

ଅନୁଚ୍ଛେଦଟିକୁ ପଢ଼ି ନିମ୍ନସ୍ଥ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଅବିଶ୍ୱାସରେ ବିଶ୍ୱାସ ନଥିଲେ ଅବିଶ୍ୱାସ କରି ହୁଏ ନାହିଁ । ଯେ କିଛି ବିଶ୍ୱାସ କରେ ନାହିଁ ବୋଲି କହେ ସେ ଅନ୍ତତଃ ନିଜକୁ ଏବଂ ନିଜର ସଂଶୟାତ୍ମକ ମନକୁ ସ୍ୱୀକାର କରେ ଏବଂ ଏହି ସ୍ୱୀକୃତି ମାଧ୍ୟମରେ ବିଶ୍ୱାସ କରେ । ବିଶ୍ୱାସ ପରି ଅବିଶ୍ୱାସ ମଧ୍ୟ ସଂକଳ୍ପ ବିକଳ୍ପାତ୍ମକ ମନର ଏକ ସହଜାତ ଲକ୍ଷଣ । ଏ ଦୁଇଟି ପରସ୍ପର ବିରୋଧି ଧର୍ମର ସଂଘାତରେ ଦ୍ୱନ୍ଦ୍ୱ ଜାତ ହୁଏ । ଦ୍ୱନ୍ଦ୍ୱ ଏବଂ ସଂଶୟ ମନର ପ୍ରମଥନକାରୀ ଅନ୍ୟାନ୍ୟ ଶକ୍ତି ସମୂହକୁ ଉଦ୍ଦୀପ୍ତ କରନ୍ତି । ଫଳରେ ମନ କେବଳ ବିଷୟାଶ୍ରୟୀ ହେଇ ରହିଯାଏ । ଚଞ୍ଚଳ ମନର ଆଉ ନିଗ୍ରହ ହୋଇପାରେ ନାହିଁ । କିନ୍ତୁ ଯେ ଦ୍ୱନ୍ଦ୍ୱାତୀତ ଏବଂ ସ୍ଥିତପ୍ରଜ୍ଞ ତା' ପାଇଁ ବିଶ୍ୱାସ ଏବଂ ଅବିଶ୍ୱାସ ସମପର୍ଯ୍ୟାୟଭୁକ୍ତ । ସେ କୌଣସିଟିରେ ବିଚଳିତ ହୁଏନାହିଁ । ସ୍ଥିତପ୍ରଜ୍ଞ ହେବା ଅବଶ୍ୟ ସହଜସାଧ୍ୟ ନୁହେଁ । ଏଣୁ ନିଜ ନିଜର ବିଶ୍ୱାସ ଅବିଶ୍ୱାସର ଦ୍ୱନ୍ଦ୍ୱକୁ ଆଶ୍ରୟ କରି ମାନବଜାତିର ପ୍ରାରମ୍ଭରୁ ଅଦ୍ୟାବଧି ସାଧାରଣ ମନୁଷ୍ୟ ବଞ୍ଚି ଆସିଛି ।

ଧର୍ମର ଆଦର୍ଶ ନହେଲେ ମଧ୍ୟ ଅନ୍ୟ ଯେକୌଣସି ଆଦର୍ଶବାଦ ସେ ଗାଦି ମାଡ଼ି ବସିବାକୁ ହେବ । ଖାଲି ଖଟୁଲି ରହିବା ସମ୍ଭବ ନୁହେଁ । ସିରିଆ ଏବଂ ବେବିଲୋନରେ ବିଭିନ୍ନ ଦେବାଶ୍ରିତ ଧର୍ମ ବିଶ୍ୱାସୀଙ୍କ ସଂଘର୍ଷ ପରି ଏ ଯୁଗରେ ଦୁଇଟି ନୀତି ବା ବିଶ୍ୱାସରେ ମଧ୍ୟ ସଂଘର୍ଷ ହୋଇପାରେ; ଉଭୟ ସଂଘର୍ଷ ଭିତରେ ମୌଳିକ ପ୍ରାର୍ଥକ୍ୟ କିଛି ନାହିଁ । ତର୍କ ଏବଂ ବିଶ୍ୱାସ ମନ ପାଇଁ ଦୁଇଟି ସ୍ୱାଧୀନ ଅବଲମ୍ବନ । ଯୁକ୍ତି ଚିନ୍ତାଶୀଳ ମନର ଆଲମ୍ବନ, ଯେପରି ଦୃଷ୍ଟିପାଇଁ ରଙ୍ଗ ବା ଆକାର, କର୍ଣ୍ଣପାଇଁ ଶବ୍ଦ ଏବଂ ରସନା ପାଇଁ ସ୍ୱାଦ । ମନ ରହସ୍ୟମୟ ହେଲେ ସୁଦ୍ଧା ତାହା ଏକ ବିଶିଷ୍ଟ ଇନ୍ଦ୍ରିୟ ମାତ୍ର ।

P.T.O

୧. ସମସ୍ତ ପ୍ରଶ୍ନର ଉତ୍ତର ପ୍ରଦାନ କର । (୧ X ୪)

କ) ବିଶ୍ୱାସପରି ଅବିଶ୍ୱାସ କେଉଁ ମନର ଏକ ସହଜାତ ଲକ୍ଷଣ ?

ଖ) କାହାପାଇଁ ବିଶ୍ୱାସ ଓ ଅବିଶ୍ୱାସ ସମପର୍ଯ୍ୟାୟ ଭୁକ୍ତ ?

ଗ) ମନର ଦୁଇଟି ସାଧୀନ ଅବଲମ୍ବନ କ'ଣ ?

ଘ) ମନକୁ କେଉଁ ରୂପେ ଅଭିହିତ କରାଯାଇଛି ?

୨. ସମସ୍ତ ପ୍ରଶ୍ନର ଉତ୍ତର ପ୍ରଦାନ କର । (୨X୩)

କ) ବିଶ୍ୱାସ ଓ ଅବିଶ୍ୱାସ ପରସ୍ପର କିପରି ସମ୍ବନ୍ଧିତ ?

ଖ) ମାନବ ଜାତିର ପ୍ରାରମ୍ଭରୁ ଅଦ୍ୟାବଧି ସାଧାରଣ ମନୁଷ୍ୟ କିପରି ବଞ୍ଚି ଆସିଛି ?

ଗ) କେଉଁ ଦୁଇଟି ସଂଘର୍ଷ ମଧ୍ୟରେ ମୌଳିକ ପ୍ରାର୍ଥକ୍ୟ ନାହିଁ ?

Techofworld.In

କବିତାଂଶଟିକୁ ପାଠକରି ନିମ୍ନସ୍ଥ ପ୍ରଶ୍ନର ଉତ୍ତର ଦିଅ ।

ଡାଆଣିଆ ଖରା ପଡ଼ିଛି ବେଳ ଯାଉଛି ବୁଡ଼ି,
କି ସୁନ୍ଦର ପାରା ଯୋଡ଼ିକ ଯାଉଅଛନ୍ତି ଉଡ଼ି ।
ଆସ ଆସ ପାରା ଯୋଡ଼ିକ ମୋର ପିଣ୍ଡାରେ ବସ,
ଖାଇବାକୁ ଦେବି ତୁମକୁ ମୁହିଁ ନଡ଼ିଆ ରସ ।
ପିଇବାକୁ ଦେବି ତୁମ୍ଭକୁ ପଦ୍ମପୋଖରୀ ପାଣି,
ଶୋଇବାକୁ ଦେବି ଖଟୁଲି ମାଳି ଘରୁ ମୁଁ ଆଣି ।
ମାଳି ଘର ଖଟୁଲିରେ ଯେ ବାଉଁଶର ପାଟିଆ,

ମାଆ-ଝିଅଙ୍କର ଗୋଡରେ ରତନର ଝୁଣ୍ଟିଆ ।
ଶାରୀ ପଚାରିଲା ଶୁଆରେ କେଉଁ ଦାଣ୍ଡରେ ଯିବା,
ଶୁଆ ବୋଲି ଶାରୀ ଚାଲଗୋ ବଡ଼ଦାଣ୍ଡରେ ଯିବା ।
ବଡ଼ଦାଣ୍ଡେ ଦାଣ୍ଡେ ଯାଆନ୍ତେ ପାଉଁ ଗୋବର ଲଣ୍ଡି,
ଲିପି ପୋଛି ଦେଇ ଯାଅ ମା' ପୂଜି ମଙ୍ଗଳାଚଣ୍ଡୀ ।

Techofworld.In

୩. ସମସ୍ତ ପ୍ରଶ୍ନର ଉତ୍ତର ପ୍ରଦାନ କର । (୧ X୫)

କ) ପାରା ଯୋଡ଼ିକୁ କ'ଣ ଖାଇବାକୁ ଓ ପିଇବାକୁ ଦେବାକୁ କୁହାଯାଇଛି ?

ଖ) ମାଳି ଘର ଖଟୁଲି କେଉଁଥିରେ ତିଆରି ?

ଗ) ପାରା ଯୋଡ଼ିକ କେଉଁ ସମୟରେ ଉଡିଯାଉଥିଲେ ?

ଘ) କେଉଁ ଦାଣ୍ଡରେ ଯିବାପାଇଁ ଶୁଆ ଶାରୀକୁ କହିଛି ?

ଙ) ଗୋବରଲଣ୍ଡିକୁ କ'ଣ କରିବା ପାଇଁ କବିତାରେ କୁହାଯାଇଛି ?

୪.ଯେକୌଣସି ଗୋଟିକର ସର୍ଜନାତ୍ମକ ରଚନା ଲେଖ । (୫ X୧)

କ) ଆପଣା ହସ୍ତେ ଜିହ୍ୱା ଛେଦି ।

ଖ) କୁସୁମ ପରଶେ ପଟ ନିସ୍ତରେ ।

ଗ) ଅତି ଲେମ୍ବୁ ଚିପୁଡ଼ିଲେ ପିତା ।

## ପଞ୍ଚମ ଏକକ

୧. କାର୍ଯ୍ୟାଳୟରେ କେତେକ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯୋଗାଣ ପାଇଁ ତୁମ ଅନୁଷ୍ଠାନର ବ୍ୟବସାୟ ପ୍ରତିଷ୍ଠାନକୁ ପତ୍ରଟିଏ ଲେଖ । (୫ X ୧)

୨. ରୂଢ଼ିଗୁଡ଼ିକୁ ବାକ୍ୟରେ ପ୍ରୟୋଗ କର । (୧ X ୩)

କ) ଅଠା ବୋଳିବା (ଖ) ଆକଟ କରିବା (ଗ) ଆଖିରେ ପଡ଼ିବା

Techofworld.In

୩. ଏକ ପଦରେ ପ୍ରକାଶ କର । (୧ X ୩)

କ) ସଖାର ଭାବ (ଖ) ବର୍ଷକୁ ବର୍ଷ (ଗ) ଯିଏ ପାଳନ କରେ

୪. ନିମ୍ନ ପ୍ରଦତ୍ତ ସମୋଚ୍ଚାରିତ ଶବ୍ଦ ଗୁଡ଼ିକୁର ଅର୍ଥ ଲେଖ । (୧ X ୩)

କ) ଅଂଶ ଖ) କାଳି ଗ) ଗୁଣି

ଅଂସ କାଳୀ ଗୁଣୀ

୫. ନିମ୍ନଲିଖିତ ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ । (୧ X ୩)

କ) କ୍ଷଣସ୍ଥାୟୀ (ଖ) ଲବ (ଗ) ଧନୀ

୬. ନିମ୍ନ ପ୍ରଦତ୍ତ ଅଶୁଦ୍ଧ ଶବ୍ଦ ଗୁଡ଼ିକର ଶୁଦ୍ଧ ରୂପ ଲେଖ । (୧ X ୩)

କ) ଚାକିରୀ (ଖ) କାଳୀଚରଣ (ଗ) ନିଳାଦ୍ରୀ

*****